# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**20 May - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ  ମତଦାନ ଶେଷ  ।

– ଅପରାହ୍ନ ୫ଟା ସୁଦ୍ଧା ୬୦ ଦଶମିକ ୫/୫ପ୍ରତିଶତ ମତଦାନ

- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ପୁରୀ, ଅନୁଗୁଳ ଏବଂ କଟକଠାରେ ନିର୍ବାଚନୀ ପ୍ରଚାର

- ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ କରୁଛନ୍ତି  ପ୍ରଚାର

ଏବଂ

- ଲଘୁଚାପ ପ୍ରଭାବରେ ଆସନ୍ତା ସପ୍ତାହରେ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା

*Boudh/Sonepur/Nayagarh/Deogarh/Ganjam/BBSR*

# ଓଡ଼ିଶା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟର ଦ୍ୱିତୀୟ ପର୍ଯ୍ୟାୟରେ ୫ଟି ଲୋକସଭା ଆସନ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, କନ୍ଧମାଳ ଓ ଆସ୍କା ଏବଂ ଏହି ଆସନ ଅନ୍ତର୍ଗତ ୩୫ଟି ବିଧାନସଭା ଆସନ ପାଇଁ ନିର୍ବାଚନ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୫ଟି ସଂସଦୀୟ କ୍ଷେତ୍ର ପାଇଁ ୪୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୩୫ଟି ବିଧାନସଭା ଆସନ ପାଇଁ ୨୬୫ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଆଜି ମୋଟ ୯ ହଜାର ୧୪୮ଟି ମତଦାନ କେନ୍ଦ୍ରରେ ଅଣାଅସୀ ଲକ୍ଷ ଅଣସ୍ତରୀ ହଜାର ୮୮୭ ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ । ରାଜ୍ୟ ନିର୍ବାଚନ ଆୟୋଗଙ୍କ ସୂଚନା ଅନୁସାରେ ସନ୍ଧ୍ୟା ୫ଟା ସୁଦ୍ଧା ୬୦ଦଶମିକ ୫/୫ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି । କେତେକ ମତଦାନ କେନ୍ଦ୍ରରେ ବର୍ତ୍ତମାନ ବାକି ଥିବା ମତଦାତାମାନେ ସେମାନଙ୍କର ଭୋଟ ସାବ୍ୟସ୍ତ କରୁଛନ୍ତି । କେତୋଟି ଛୋଟ ଘଟଣାକୁ ଛାଡିଦେଲେ ମତଦାନ ଶାନ୍ତିପୂର୍ଣ୍ଣ ଥିଲା ବୋଲି ନିର୍ବାଚନ ଆୟୋଗଙ୍କ ସୂତ୍ରରୁ ଜଣାପଡିଛି ।

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ରାଜ୍ୟ ପ୍ରଶାସନ ଓ ନିର୍ବାଚନ କମିଶନଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ତେବେ କେତେକ ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟି ଦେଖା ଦେବା ପରେ ସେଠାରେ ତୁରନ୍ତ

ଇଭିଏମ୍ ପୁନଃସ୍ଥାପନ କରାଯାଇ ଭୋଟ ଗ୍ରହଣ କରାଯାଇଥିଲା । ଏହି ପର୍ଯ୍ୟାୟ ନିର୍ବାଚନରେ ୫ ହଜାର ୪୦୦ରୁ ଅଧିକ ବୁଥ୍‌ରେ ୱେବ୍‌କାଷ୍ଟିଂ କରାଯାଇଥିଲା ।

ନିର୍ବାଚନ ଆୟୋଗଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆସ୍କାରେ ୫୫ଦଶମିକ ୬/୫ ପ୍ରତିଶତ ଭୋଟ୍‌ଗ୍ରହଣ ହୋଇଥିବାବେଳେ ବରଗଡ଼ରେ ୬୬ ଦଶମିକ ୧/୪, ବଲାଙ୍ଗୀରରେ ୬୧ ଦଶମିକ ୩/୫, କନ୍ଧମାଳରେ ୫୭ ଦଶମିକ ୪/୬ ଏବଂ ସୁନ୍ଦରଗଡ଼ରେ ୬୧ ଦଶମିକ ୫/୩ ପ୍ରତିଶତ ଭୋଟ୍‌ଗ୍ରହଣ ହୋଇଛି ।

ବରଗଡରେ ନିର୍ବାଚନ ସମ୍ପର୍କରେ ଆମ ସମ୍ବାଦଦାତା ଙ୍କ ରିପୋର୍ଟ

**- V/O -**

କନ୍ଧମାଳ ଲୋକସଭା ଆସନ ଅନ୍ତର୍ଗତ ୭ଟି ବିଧାନସଭା ଆସନରେ ଆଜି ନିର୍ବାଚନ ଶେଷ ହୋଇଥିଲେ ମଧ୍ୟ କେତେକ ସ୍ଥାନରେ ମତଦାନ ପ୍ରକ୍ରିୟା ଜାରି ରହିଛି ।  ଦଶପଲ୍ଲା ବିଧାନସଭା ଆସନରେ ସର୍ବାଧିକ ୬୩ଦଶମିକ ୨/୦ ପ୍ରତିଶତ  ମତଦାନ ହୋଇଥିବାବେଳେ ଜିଲ୍ଲାରେ ୫୭ ପ୍ରତିଶତ ମତଦାନ ହୋଇଛି  । ଏ ସମ୍ପର୍କରେ ଆମ ସମ୍ବାଦଦାତା ଉତ୍ପଳ କୁମାର ସାହୁଙ୍କ ରିପୋର୍ଟ ।

**- V/O -**

ବଲାଙ୍ଗୀର ସଂସଦୀୟ ନିମନ୍ତେ ଆଜି ହେଉଥିବା ଭୋଟ ଗ୍ରହଣରେ ସନ୍ଧ୍ୟା ୫ଟା ସୁଦ୍ଧା ୬୧ଦଶମିକ ୩/୫ ପ୍ରତିଶତ ମତଦାନ ହୋଇଥିବା

ଏହା ଅନ୍ତର୍ଗତ ସୋନପୁର ବିଧାନସଭା ଆସନରେ ସର୍ବାଧିକ ୭୧ ଦଶମିକ ୩/୫ ପ୍ରତିଶତ ମତଦାନ ହୋଇଛି । ଆମ ବଲାଙ୍ଗୀର ସମ୍ବାଦଦାତା କହିଛନ୍ତି ।

# V/O –

***Desk***

## ଦେଶର ପଞ୍ଚମ ପର୍ଯ୍ୟାୟ ନିର୍ବାଚନ

ଦେଶର ପଞ୍ଚମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ମତଦାନ ଶେଷ ହୋଇଛି । ୬ଟି ରାଜ୍ୟ ଏବଂ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ମୋଟ୍ ଅଣଚାଶଟି ଲୋକସଭା ଆସନରେ ଭୋଟ ହୋଇଥିଲା । ଦେଶର ୯୪ହଜାର ୭୩୫ଟି ପୁଲିଂ ବୁଥ୍‌ରେ ଭୋଟର ମାନେ ଦେଇଥିଲେ ।

***Angul/Puri/CTC***

## ପ୍ରଧାନମନ୍ତ୍ରୀ ନିର୍ବାଚନ ପ୍ରଚାର

ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ପାଇଁ ଗତକାଲି ଠାରୁ ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୋଟିଏ ରୋଡ୍ ସୋ' ଏବଂ ଦୁଇଟି ନିର୍ବାଚନୀ ସଭାକୁ ସମ୍ବୋଧନ କରିଛନ୍ତି । କଟକ ଠାରେ ଆୟୋଜିତ ଜନ ସମାବେଶରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଓଡ଼ିଶା ବିଜେପି ପକ୍ଷରୁ ଜାରି କରାଯାଇଥିବା ନିର୍ବାଚନୀ ଇସ୍ତାହାରକୁ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ କହିଥିଲେ ଓଡ଼ିଶା ଡବଲ୍ ଇଞ୍ଜିନ୍ ସରକାରର ଆବଶ୍ୟକତା ରହିଛି ।

ଏହା ପୂର୍ବରୁ ଅନୁଗୁଳଠାରେ ଆୟୋଜିତ ନିର୍ବାଚନ ସଭାରେ ଯୋଗଦେଇ ପ୍ରଧାନମନ୍ତ୍ରୀ ରାଜ୍ୟରେ ଏଥର ପରିବର୍ତ୍ତନ ନିଶ୍ଚିତ ବୋଲି ଦୃଢ଼ ମତବ୍ୟକ୍ତ କରିଥିଲେ। ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୁର ହୋଇ ରହିଥିଲେ ମଧ୍ୟ ଏଠାରେ ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ସେମାନଙ୍କର ଉତ୍ଥାନ ପାଇଁ ରାଜ୍ୟ ସରକାର ସେଭଳି କୌଣସି ବିଶେଷ ପଦକ୍ଷେପ ଗ୍ରହଣ କରିନାହାଁନ୍ତି ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ।

ଆଜି ସକାଳେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ରାଜଭବନରୁ ବାହାରି ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ଶ୍ରୀଜୀଉଙ୍କୁ ଦର୍ଶନ କରି ଶ୍ରୀ ମୋଦୀ ଏକ ରୋଡ୍ ସୋ'ରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ'

ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱରଠାରେ ଏକ ରୋଡ ଶୋ' କରୁଛନ୍ତି । ପଳାସପଲ୍ଲୀ ପୁନାମା ଗେଟ୍ ଫ୍ଲାଏ ଓଭର ବ୍ରିଜ୍‌ଠାରୁ ଏହି ରୋଡ ଶୋ' ଆରମ୍ଭ ହୋଇ ଏକାମ୍ର ଛକ ପର୍ଯ୍ୟନ୍ତ ଯିବ ।

ଅନ୍ୟପକ୍ଷରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ମଲ୍ଲିକାର୍ଜୁନ ଖଡଗେ, ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଏବଂ ସାଧାରଣ ସଂପାଦିକା ପ୍ରିୟଙ୍କା

ଗାନ୍ଧୀ ଚଳିତମାସ ଶେଷ ସପ୍ତାହରେ ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ପାରାଦ୍ୱୀପ, ମୟୂରଭଞ୍ଜ ଆଦି ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି ।

## ନିର୍ବାଚନୀ ବୈଠକ

ସମ୍ବଲପୁର ଜିଲ୍ଲାରେ ଆସନ୍ତା ୨୫ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନକୁ ଅବାଧ ଭାବେ ପରିଚାଳନା କରାଯିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ଗାଁରେ ବୈଠକ କରାଯାଇଛି। ସମ୍ବଲପୁର, ରେଢାଖୋଲ, କୁଚିଣ୍ଡା, ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗାଁରେ ଶାନ୍ତିପୂର୍ଣ୍ଣଭାବେ ମତଦାନ ପ୍ରକ୍ରିୟାକୁ ଶେଷ କରିବା ପାଇଁ ଜନସାଧାରଣଙ୍କୁ ପୁଲିସ ନିବେଦନ କରିଛି । ଏଥି ସହ ଜିଲ୍ଲାରେ ବିଭିନ୍ନ ଅଞ୍ଚଳରେ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି।

## ମତଦାନ-ବୌଦ୍ଧ

ବୌଦ୍ଧ ଜିଲ୍ଲାରେ କନ୍ଧମାଳ ଲୋକସଭା ଆସନ ସମେତ ବୌଦ୍ଧ ଓ କଣ୍ଟାମାଳ ଆସନ ପାଇଁ ଆଜି ଭୋଟଗ୍ରହଣ ହୋଇଛି । ଅପରାହ୍ଣ ୬ଟା ସୁଦ୍ଧା ୬୨ଦଶମିକ ୫/୬ ପ୍ରତିଶତ ମତଦାନ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଜିଲ୍ଲାରେ ଇଭିଏମ୍ ତ୍ରୁଟି ଯୋଗୁଁ ମତଦାନ ଗ୍ରହଣରେ ବିଳମ୍ବ ହୋଇଥିଲା । ଅନେକ ବୁଥରେ ଏବେ ମଧ୍ୟ ମତଦାନ ଚାଲିଛି ।

## ସଡକ ସୁରକ୍ଷା-କଳାହାଣ୍ଡି

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଠାରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବୈଠକରୁ ମିଳିଥିବା ସୂଚନା ଅନୁସାରେ ଚଳିତବର୍ଷ ଜାନୁୟାରୀ ପହିଲାରୁ ଏପ୍ରିଲ ମାସ ମଧ୍ୟରେ ୧୨୭ଟି ସଡକ ଦୁର୍ଘଟଣାରେ ୭୫ଜଣଙ୍କର ମୃତ୍ୟୁ ହୋଇଛି । ଗତବର୍ଷ ଏହି ଚାରିମାସ ମଧ୍ୟରେ ୧୪୭ଟି ସଡକ ଦୁର୍ଘଟଣା ଘଟିଥିଲା । ଜିଲ୍ଲା ସଡକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ୪କୋଟି ୩୩ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ ହୋଇଥିଲା ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ବୈଠକରେ ତଥ୍ୟ ରଖିଥିଲେ ।

## ସଚେତନତା ଶିବିର

କୋରାପୁଟ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଆଇନ ସମ୍ପର୍କୀତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କିଶୋର ନ୍ୟାୟ ଅଧିନିୟମ, ବାଧ୍ୟତାମୂଳକ ଶିକ୍ଷାଗତ ଅଧିକାର ଅଧିନିୟମ, କନ୍ୟା ସନ୍ତାନର ମହତ୍ୱ ସମ୍ପର୍କରେ ଆଇନ ଅଧିକାରୀମାନେ ଯୋଗଦେଇ ଆଲୋଚନା କରିଥିଲେ । ଏଥି ସହ କଠିନ ବର୍ଜ୍ୟବସ୍ତୁ ଏବଂ ତରଳ ବର୍ଜ୍ୟବସ୍ତୁ କିପରି ଅଲଗା ରଖାଯାଇ ତାହାର ନିଷ୍କାସନ କରାଯାଇ ପାରିବ ସେ ସମ୍ପର୍କରେ ମତପ୍ରକାଶ ପାଇଥିଲା ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ବୁଧବାର ଦିନ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି। ଏହା କ୍ରମେ ଘନୀଭୂତ ହୋଇ ଉତ୍ତର-ପୂର୍ବ ଦିଗରେ ଗତି କରିବାର ସମ୍ଭାବନା ରହିଛି। ୨୪ ତାରିଖ ଆଡ଼କୁ ଲଘୁଚାପ ଅବପାତର ରୂପ ନେବ। ଏହାର ପ୍ରଭାବରେ ୨୪ଏବଂ ୨୫ତାରିଖରେ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ କହିଛି । ବାଲେଶ୍ୱର,

ଭଦ୍ରକ, ଯାଜପୁର, କଟକ, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ

ଅନ୍ୟପକ୍ଷରେ  ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗତକାଲି ନିକୋବର ଦ୍ୱୀପପୁଞ୍ଜ  ସ୍ପର୍ଶ କରିଛି। ଆସନ୍ତା ୩୧ ତାରିଖ ସୁଦ୍ଧା ମୌସୁମୀ କେରଳ ଉପକୂଳ ଏବଂ ଓଡିଶାରେ ଜୁନ ୧୦ତାରିଖ ବେଳକୁ ପହଞ୍ଚିବ ବୋଲି ପାଣିପାଗ ବିଭାଗ  ଅନୁମାନ କରିଛି। ଚଳିତ ମୌସୁମୀ ଋତୁରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ନେଇ ପାଣିବାଗ ବିଭାଗ  ପକ୍ଷରୁ କୁହାଯାଇଛି ।